କୁନ୍ତୀଙ୍କ ବାଲ୍ୟ ଚରିତ, ଦୁର୍ବାସାଙ୍କ ସେବା ଓ ତାଙ୍କଠାରୁ ବରପ୍ରାପ୍ତି

ବଇବସୁତ ମନୁ ପୁଛାକଲେ ଅଗସ୍ତିଙ୍କି
ପଣ୍ଡୁଙ୍କୁ କେମନ୍ତେ ବିଭା କଲେ କହିବା ବ୍ରହ୍ମ ବାକି । ୧ ।
ଶୁଣ ହୋ ମହାତମା ଯୁଗାନ୍ତେକ ପୁରୁଷ
ପଣ୍ଡୁର ଚରିତ ଶୁଣିମା ଅମିୟ ଦିବ୍ୟ ରସ । ୨ ।
ସିଦ୍ଧପୁର ନଗ୍ରେ କୁନ୍ତଭୋଜ ନୃପତି
ତାହାର ଭାରିଯା ନାମ ଅଟଇ ଜମ୍ବୁବତୀ । ୩ ।
ମଦନ ମହାଦେବର ସେ ଅଟଇ କୁମାରୀ
କରବୀର ପୁରର ସେ ଅଟଇ ଅଧିକାରୀ । ୪ ।
କୁନ୍ତଭୋଜ ରାଜାର ସେ ୟେକଇ ଦୁହିତା
ଶ୍ରଦ୍ଧାୟେ ନୃପତି ନାମ ଦିଲେ ତାହାକୁ କୋଇନ୍ତା । ୫ ।
ବତାଇ ସୁନ୍ଦର ସେ ଅଟଇ ଭାଗ୍ୟବନ୍ତୀ
ଅତି ସୁନ୍ଦର ସେ ଅତୁଳାୟିତ ଯୁବତୀ । ୬ ।
ପୁତ୍ର ନ ଥାଇ ସେ କୁନ୍ତଭୋଜ ରାଜାର
ୟେକା ଦୁଲାଳୀକି ତାର ସ୍ରାଗ ଯେ ଅପାର । ୭ ।
ବୃଷଭ ମାସ ପଞ୍ଚମୀ ବୃହସ୍ପତି ବାର
ଗୁରୁପୁଷ୍ୟା ଯେ ଅମୃତ ଯୋଗ ସେ ଦିନର । ୮ । horoscope
ବବ ନାମେ କରଣ ଯେ ଶୂଳ ନାମେ ଯୋଗ
ବୃଷଭ ସଂକରାନ୍ତିକି ତେର ଭୋଗ । ୯ ।

----------

୩ ।୧ ହଟପୁର ନଗ୍ର ରାଜା, ସାହାପୁର ନଗ୍ରରାଜା ।
୪ ।୧ ମଦନ ମହାସେନର ସେ ଅଟଇ କୁମାରୀ ।
୧ ।୨ ବାକି-ବାକ୍ୟ ।
୭ ।୨ ସ୍ରାଗ-ସରାଗ, ଶ୍ରଦ୍ଧା ।

ୟେମନ୍ତ ସମୟେଣ ଦୁର୍ଭାସା ମହାଋଷି
କୁନ୍ତଭୋଜ ରାଜା କଟକେ ପ୍ରବେଶ ହୋଇଲେ ଆସି । ୧୦ ।
ଦେଖି କୁନ୍ତଭୋଜ ରାଜା ପାଦଅର୍ଘ୍ୟ ଦେଲା
ନିସ୍ତରିଲି ମହାତମା ହୋ ଆଜଦିନ ମୋତେ ଭଲା । ୧୧ ।
ଅନେକ କାର୍ଯ୍ୟ ସୁଫଳ ହୋଇଲା ଆଜ ମୁକୁ
ମୁଂ କ୍ଷମ ହୋଇବି ତୋର ପାଦପଦ୍ମ ପଖାଳିବାକୁ । ୧୨ ।
ଦୁର୍ଭାସାୟେ ପ୍ରତିବାଚ ତୁ ଅଛୁ ନା କୁଶଳେ
ପାତ୍ର ଅମନାତ୍ୟେ ଖଟି ଅଛନ୍ତି ନା ସକଳେ । ୧୩ ।
ସମସ୍ତ କୁଶଳ ବୋଲି ବୋଇଲେ କୁନ୍ତଭୋଜ
ଜୀବନ ସୁଫଳ ମୁନି ହେ ଦେଖିଲି ମୁଂ ତୋତେ ଆଜ । ୧୪ ।
ଦୁର୍ଭାସାୟେ ବୋଇଲେ ଆମ୍ଭେ ଅଇଲୁ ତୋହୋର ରାଜ୍ୟକୁ
ଚତୁର୍ମାସ୍ୟା ବଞ୍ଚିବୁ ବସା ଖଣ୍ଡିୟେ ଦେବୁ ମୁକୁ । ୧୫ ।
ବତାଇ ସ- ଦ ରାଜା ଦେଖିଲୁ ତୋର ପୁରୀ
ରହିବାକୁ ତୃଷ୍ଣା ଯେ ବଳିଲା ଆମ୍ଭରି । ୧୬ ।
କୁନ୍ତଭୋଜ ବୋଇଲେ ମୁଂ କିସ କରିବି
ରୁହାଇଲେ ତୁମ୍ଭନ୍ତ ଭଗତି ହୋଇ ନୁଆରିବି । ୧୭ ।
ଯାଅ ବୋଲି ବୋଇଲେ ତୋର କୋପ ଉପୁଜିବ ତନୁ
ଜାଣି ଅନୁଗ୍ରହ ମୋତେ କରିବା ତପୋଧନୁ । ୧୮ ।
ଦଶ ସହସ୍ର ଯୋଜନେ ମୁଂ ଅଟଇ ଅଧିକାରୀ number

ଦକ୍ଷ ଭ୍ରାଥ ସୁତ ନାହିଂ ନା ମୋହୋରି । ୧୯ ।
ରାଜ୍ୟ ଚିନ୍ତାୟେଣ ନ ପୁଣ ପାସୋରଇ ତୋତେ
ତୁ ଈଶ୍ୱର ସମାନେ ମହାରଷି ନପୁଣ କୋପ କରୁ ମୋତେ । ୨୦ ।
ଦୁର୍ଭାସାୟେ ବୋଇଲେ ତୁ କାହୁଂ ଆମ୍ଭଙ୍କୁ ସେବା କରିବୁ
ତୋହୋର କରି ଆମ୍ଭଙ୍କୁ ଜଣେ ତୁ ଦେଇଥିବୁ । ୨୧ ।
ଆଶ୍ରମ ଗୋଟିକ ଲିପିବ ଅଗଣା ଝୋଟି ଦେବ
ପାଣି ଝରିୟେ ଆଣିମ ଫୁଲ ପୁଡାୟେ ତୋଳି ଦେବ । ୨୨ । Jajpuri

----------

୧୮ ଯାଅ ବୋଇଲେ କୋପ ତୋର ବଢିବ ବ୍ରହ୍ମସୁତ ।
ଜାଣି ଅନୁଗ୍ରହ ମୋତେ କର ତପୋବନ୍ତ । ।

ପାଲଟା ବସ୍ତ୍ର ଖଣ୍ଡ ପଖାଳିବ ନେଇ
ୟେତେକ କରିଣ ସେଟି ଆମ୍ଭଙ୍କୁ ଭଗତି ହୋଇ । ୨୩ ।
କୁନ୍ତଭୋଜ ବୋଇଲା ମୁଂ ଆନକୁ କିଂପେ ଦେବି
ୟେକା ଦୁହିତା ଗୋଟିୟେ ମୋହୋର ତୁମ୍ଭଙ୍କୁ ଥାଉ ସେବି । ୨୪ ।
ଦୁହିତାଙ୍କୁ ରାଇ ସେ ଆଗ୍ୟାଂ ଦିଲେ କୁନ୍ତଭୋଜ
ଆଶ୍ରମ ଖଣ୍ଡିୟେ କଲେ ନଗ୍ରର ବାହିଜ । ୨୫ ।
କୋଇନ୍ତାୟେ ହୋଇଥାଇ ବିନୟ ଭଗତେ
ଦୁର୍ଭାସା ରଷିଙ୍କି ସେବା କରଇ ଅନୁବ୍ରତେ । ୨୬ ।
ରାତ୍ର ପ୍ରଭାତରେ ଅଗଣା ପଅଂରି
ଗୋମୟ ଘେନି ଛେରା ପକାଇ ଯତ୍ନ କରି । ୨୭ ।
ନିତିପ୍ରତି ପାଚିଲା ଆମ୍ବପତ୍ର ଲୁଚିୟେ ଆଣଇ ସାଉଣ୍ଟି
ପଖାଳି ପୀଢାରେ ଶୁଖାଇ ପାଲଟା କାଛୋଟି । ୨୮ ।
ଗଡୁ ତମ୍ବାପାତ୍ରୀ କପୋରା ମାଜଇ ଆମ୍ବିଳେ
ଆଶ୍ରମ ଖଣ୍ଡିକ ଲେପଇଂ କୃଷ୍ଣ ଗୋମୟରେ । ୨୯ ।
ବିଭୂତି ଗୁଡାୟେ ମେଦଇ ସଞ୍ଜ କରି
ପତ୍ର ଗୁଡାୟେ ଆଣଇ ସେ ବେଲ ଗଛରୁ ପାରି । ୩୦ ।
ବାଳୁତ ବୟସ ସେ ରାଜାର କୁମାରୀ
ସୁଗ୍ୟାନୀ ପଣେ ଥାଇ ରଷିଙ୍କି ସେବା କରି । ୩୧ ।
ରଷି ରାତ୍ରେ ସମାଧିରେ ବସିଥାନ୍ତି ଯେ ଭିତରେ
କପାଟ ଗୋଟି ପାତି କୋଇନ୍ତା ବସିଥାଇ ବାହାର ଦୁଆରେ । ୩୨ ।
କୋଇନ୍ତାର ଭଗତେ ଅନେକ ସନ୍ତୋଷ ଦୁର୍ଭାସା
ନାନା ତୀର୍ଥକୁ ମୁନି ନ କଲେ ମନୀଷା । ୩୩ ।
କୁନ୍ତଭୋଜ ରାଜ୍ୟେ ମୁନି ରହିଲେ ନିଷ୍ଚିନ୍ତେ
ଚତୁର୍ମାସ୍ୟାକୁ ବୋଲି ରହିଲେ ପାଞ୍ଚବରଷ ପରିଯନ୍ତେ । ୩୪ ।
ମଉଦଧି ତୀର୍ଥେ ଅର୍ଦ୍ଧୋଦୟା ପଡି ପାଦ ଚାରି
ଦକ୍ଷିଣ ମଉଦଧିକି ସମସ୍ତେ ଯାଉଛନ୍ତି ତୀର୍ଥ କରି । ୩୫ ।

-------------

୩୨ ରଷିଙ୍କ ଆଶ୍ରମେ ବସିଥାଇ ନିରାଧାରେ ।
କପାଟ ପାତି ଭିଡ ବସିଥାଇ ଦ୍ୱାରେ । ।

କୁନ୍ତଭୋଜ ରାଜାର ଅଗ୍ରତେ ମିଳିଲେ ତପୋବନ୍ତେ
ଦଣ୍ଡ କମଣ୍ଡଳ ମୁନି ତାମ୍ରପାତ୍ର ହସ୍ତେ । ୩୬ ।
ଦେଖିଣ ଉଠିଲା ମୁନି ମହୀଧର ସ୍ୱାମୀ
ମୁନିଙ୍କର ଚରଣେ ସେ ହୋଇଲା ପରିଣାମି । ୩୭ ।

ୟେତେକାଳେ ଅନୁଗ୍ରହ ମୋତେ କଲେକ ଦୁର୍ଭାସା
ସମୟେକ ଆସିଣ ପୂରିଲା ମନୀଷା । ୩୮ ।
ଦୁର୍ଭାସା ବୋଇଲେ ଆମ୍ଭେ ୟେଘାନ୍ତି ସେ ଅଇଲୁ
ପାଞ୍ଚବରଷ ହୋଇଲା ତୋର ରାଜ୍ୟରେ ରହିଲୁ । ୩୯ ।
ବୋଲଇ ନୃପତି ନିସ୍ତରିଲି ତପୋବନ୍ତ
ୟେମନ୍ତ ହୋଇ କେ ତୋତେ ହୋଇଛି ଭଗତ । ୪୦ ।
ଦୁର୍ଭାସାୟେ ବୋଇଲେ ବଡ ସୁଖେଣ ଯେ ଥିଲୁ
କୋଇନ୍ତାଙ୍କର ଭଗତେ ନାନା ତୀର୍ଥ ଉପେକ୍ଷିଲୁ । ୪୧ ।
ଆମ୍ଭେ ତୋହୋର ପୁରେ ଅନେକ ପାଇଲଇ ସୁଖ
ଆହୋ କୁନ୍ତଭୋଜ ତୋତେ ପ୍ରାପତ ହୋଉ ଶତେ ପୁତ୍ର । ୪୨ ।
ସୋମବଂଶେ ସୁଲକ୍ଷଣୀ ହୋଉ ତୋର କୋନ୍ତା
ବୀର୍ଯ୍ୟ ପ୍ରଦାନ କରୁ ୟେହାକୁ ଧର୍ମ ଯେ ଦେବତା । ୪୩ ।
ଧର୍ମବଳେ ବଳବନ୍ତା କ୍ଷତ୍ରୀ ହୋଇ ତୋର ପୁତ୍ର ହୋଉ ଜାତ
ପଞ୍ଚୁ କଟକରେ ଠାକୁରାଣୀ ହୋଉ ତୋ ଦୁହିତ । ୪୪ ।
ୟେସନେକ ବର ଦେଇ ଚଳନ୍ତି ବ୍ରହ୍ମଯତି
କୋଇନ୍ତାୟେ ଗୋଡାଇଛନ୍ତି ସେ ମୁନିଙ୍କ ପଛକତି । ୪୫ ।
ରାଜ୍ୟ ଛାଡି ମହାତ୍ମାୟେ ପଶିଲେ ବନସ୍ତରେ
କୋଇନ୍ତାୟେ ଗୋଡାଇ ଅଛନ୍ତି ପଞ୍ଚୁକୋଶ ପର୍ଯ୍ୟନ୍ତରେ । ୪୬ । number lady running 16 kms
କୋଇନ୍ତାୟେ ଛିଙ୍ଗିଲେ ବନସ୍ତରେ ଫୁଟି
ଧାଡିକାରେ ଦୁର୍ଭାସାୟେ ଚାହିଂଲେ ଲେଉଟି । ୪୭ ।
ଦୁର୍ଭାସାୟେ ବୋଇଲେ ତୁ ଗୋଡାଇ ଅଛୁ ଆଇ
ଆମ୍ଭନ୍ତ ଛାଡି ତୋହୋର ଚିତ୍ତ ନ ବଳଇ ଯାଇ । ୪୮ ।
ବାହୁଡି ଯାଅ ମା ଗୋ ନ ପଶ ବନସ୍ତକୁ
ବ୍ୟାଘ୍ର ଭଲ୍ଲୁକେ ଅଛନ୍ତି ନାଶ କରିବେଟି ତୁକୁ । ୪୯ ।
---------
୪୬ ।୨ କୋଇନ୍ତାୟେ ଗୋଡାଇ ଅଛନ୍ତି ପଞ୍ଚତିରିଶ କୋଶ ପର୍ଯ୍ୟନ୍ତରେ ।

କୋଇନ୍ତାୟେ ବୋଇଲେ ମୁଂ ଈଶ୍ୱର ସମାନେ ଋଷିଙ୍କ ସେବା କରି
ୟେତେକାଳ ସେବା କରି ମୁଂ ଯେ ନିଷ୍ଫଳ ହୋଇଲି । ୫୦ ।
ବାଲି କୁଢ ଗୋଟିୟେ କୁଢାଇ ପତ୍ର ଲୋଚିୟେ ତହିଂରେ ଦେଇ so easily boon is available
ଲୟେ କରି ସେବିଲେ ପ୍ରସନ୍ନ ହୋଇ ସେହି । ୫୧ ।
ତୋହୋର ପରା ଋଷିଙ୍କ ୟେତେକାଳ ସେବା କଲି
ନିଷ୍ଫଳ ହୋଇଲା ମୁଂ କିଛି ନ ପାଇଲି । ୫୨ ।
ଦୁର୍ଭାସାୟେ ବୋଇଲେ ତୁ ତ ତୁନୀ ହୋଇଥିଲୁ
ପାଞ୍ଚବରଷ ଯେ ସେବା କରି କିଛିହିଂ ନ ମାଗିଲୁ । ୫୩ ।
ମହାମନ୍ତ୍ର ହାଦେ ଗୋ ନ ଦେଉଟି ଯାଚି
ଆମ୍ଭେ ବିଚାରିଲୁ ୟେହାର କାର୍ଯ୍ୟ ନାହିଂ କିଛି । ୫୪ ।
ୟେବେ ହେ ମହାତମା ମୋତେ ଅନୁଗ୍ରହ କରିବା
ସ୍ତିରୀ ଆମ୍ଭେ ମନ୍ଦଜାତି ପଦାର୍ଥେକ ଦେବା । ୫୫ ।
ଦୁର୍ଭାସାୟେ ବୋଇଲେ ଗୋ ଯେ ତୋହୋର ଇଛା
ଦେବୁ ଅବଶ୍ୟ ଯେମନ୍ତେ ସୁନ୍ଦରି ତୋର ପୂରୋଇ ମନବାଞ୍ଛା । ୫୬ ।
ମୁହିଂ ବାଳ ସ୍ତିରୀ ମୁନି ହେ ନ ଜାଣଇଂ ସନ୍ଦେହ
ଜାଣି ମହତମା ମୋତେ କରିବା ଅନୁଗ୍ରହ । ୫୭ ।
ଦୁର୍ଭାସାୟେ ବୋଇଲେ ଗୋ ଆଇ ସ୍ତିରୀଙ୍କର ଯେହ୍ନେ ବ୍ରତ

ସୁନ୍ଦର ଭ୍ରଥା ହୋଇବ ସୁଭିଗ୍ୟ ପଣ୍ଡିତ ଭାଗ୍ୟବନ୍ତ । ୫୮ ।
ସୁପୁତ୍ର ହୋଇବ ତୋର ଅତିଅନ୍ତ ବଳବନ୍ତା
ସାଂଗ୍ରାମକୁ କେବେହେଂ ନୋହିବ ପଛଗତା । ୫୯ ।
ୟେସନେକ ବାଞ୍ଛା ସ୍ତିରୀଙ୍କର ପ୍ରକୃତି
ସୁନ୍ଦର ପୁରୁଷ ଦେଖିଲେ ହୋଅନ୍ତି ଭୋଳମତି । ୬୦ ।
ଆମ୍ଭେ ଦେବୁ ତୋତେ ମହାମନ୍ତ୍ର ଜପାମାଳୀ
ୟେହା ଯତ୍ନ କରି ତୁ ଥାଅସି ସମ୍ଭାଳି । ୬୧ ।
ଶେଜ୍ୟା ଗତେଣ ଗୋ ସୁମରିବୁ ଯାହାକୁ
ସେ ଆସି ପ୍ରସନ୍ନ ହୋଇବ ଜାଣ ତୁକୁ । ୬୨ ।
ଯଦ୍ୟପି ବ୍ରହ୍ମା ଇନ୍ଦ୍ର ସୂର୍ଯ୍ୟ ପବନ ଯେ ବିଷ୍ଣୁ
ମୂର୍ଦ୍ଧନି ଫାଟି ପ୍ରାଣ ଯିବ ନ ଅଇଲେ ତା ଘଟୁଂ । ୬୩ ।
ଜପାମାଳୀ ଦେଇଣ ଯେ ଗଲେ ବ୍ରହ୍ମଯତି
ଅନ୍ତରୀକ୍ଷେ ମହାତମା ଗଲେ ତତ୍କ୍ଷଣାନ୍ତି । ୬୪-୧୪୨୧ ।

------------

୫୦ ।୨ ୟେତେ କାଳ ଯାୟେ ସେବି କିଛି ଯାଚି ନ ପାଇଲି ।
୫୫ ।୨ ସ୍ତିରୀ ଆମ୍ଭେ ଅଭାଗି ପଦାର୍ଥେକ ଦେଇ ।
୫୯ ।୧ ସବୁଠାରୁ ପୁତ୍ର ହୋଇବ ଅତୀବ ବଳବନ୍ତା ।
୬୨ ।୨ ସେ ଆସି ପ୍ରବେଶ ହୋଇବ ଜାଣ ତୁକୁ ।

******************